# Akashvani, Sambalpur

## SAMBALPURI NEWS EVENING BULLETIN

**8 December 2024- 7.02 pm- 7.12 pm.**

*******************************************

୧- ରାଜ୍ୟ ସରକାର୍ ଚାଷୀମାନ୍‌କର୍ ସର୍ବାଙ୍ଗୀନ ଉନ୍ନତି ଲାଗି ଚେରେଷ୍ଟା ଜାରି ରଖିଛନ୍- କହେଲେ ମୁଖ୍ୟମନ୍ତ୍ରୀ ।

- ବର୍‌ଗଡ୍‌ର ସୋହେଲା ଠାନେ ଚାଷୀମାନ୍‌କୁ ୮ ଶହ ଟଙ୍କାର୍ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ୍‌ର କଲେ ଶୁଭାରମ୍ଭ ।

୨- ପଂଚାୟତ୍‌ରାଜ୍ ମନ୍ତ୍ରଣାଳୟ ତର୍‌ଫୁ ଆଏବା ୧୧ ତାରିଖ୍ ଦିନ ଜାତୀୟ ପଂଚାୟତ୍ ପୁରସ୍କାର୍ ପ୍ରଦାନ୍ କର୍‌ବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଓଡ଼ିଶାକେ ଭିନ୍ ଭିନ୍ ବର୍ଗ ନ ମିଲ୍‌ବା ୭ ଟା ପୁରସ୍କାର୍ ।

୩- ଶ୍ରୀମନ୍ଦିର୍ ଛତିଶା ନିଯୋଗ୍ ବୈଠକ୍ ଆଏବା ମଙ୍ଗଲ୍‌ବାର୍ ଦିନ ହେବା ।

ଆଉର୍

୪- କୋଣାର୍କ ସୂର୍ଯ୍ୟମନ୍ଦିର୍ ଗର୍ଭଗୃହ ନ ବାଲି ବାହାର୍ କର୍‌ବାର୍ ବାବ୍‌ଦେ ଅନୁଧ୍ୟାନ୍ କଲେ ଏଏସ୍‌ଆଇ ଟିମ୍ ।

ମୁଖ୍ୟମନ୍ତ୍ରୀ - ଇନ୍‌ପୁଟ୍        ଆର୍‌ଏନ୍‌ୟୁ/ କଟକ୍

ଚାଷୀମାନେ ହେଉଛନ୍ ଅନ୍ନଦାତା ଆଉ ରାଜ୍ୟ ସର୍‌କାର୍ ଚାଷୀମାନ୍‌କର୍ ସର୍ବାଙ୍ଗୀନ ଉନ୍ନତି ଲାଗି ଯଥାସମ୍ଭବ୍ ଚେରେଷ୍ଟା କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବର୍‌ଗଡ୍ ଜିଲ୍ଲାର୍ ସୋହେଲାର୍ ଇଛାପାଲି ପଡ଼ିଆ ଠାନେ ହେଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ଥି ଚାଷୀମାନ୍‌କୁ ୮ ଶହ ଟଙ୍କା ବୋନସ୍ ଦେବାର୍ ଶୁଭାରମ୍ଭ କରିଛନ୍ ।

ସର୍‌କାର୍ ଧାନର୍ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ୍ ପିଛା ୨୩ ଶହ ଟଙ୍କା ସହେତେ ଇନ୍‌ପୁଟ୍ ସବ୍‌ସିଡି ବାବ୍‌ଦେ ୮ ଶହ ଟଙ୍କା ଚାଷୀମାନ୍‌କୁ ପ୍ରଦାନ୍ କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଚାଷୀମାନ୍‌କର୍ ଆର୍ଥିକ୍ ବିକାଶ୍ ସହେତେ ବିକଶିତ୍ ଓଡ଼ିଶାର୍ ସପନ୍ ସାକାର୍ ହେବାର୍‌କେ ଯାଉଛେ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ଉପର୍‌ବେଲା ୪ ବଜେତକ୍ ବର୍‌ଗଡ୍ ଜିଲ୍ଲା ନ ୧୫ ହଜାର୍ ୫୯ ଝନ୍ ଚାଷୀ ପାଖାପାଖି ୭ ଲାଖ୍ ୧୪ ହଜାର୍ ୫ ଶହ କ୍ୱିଂଟାଲ୍ ଧାନ୍ ବିକିଥିବାର୍ ଯୋଗାଣ ବିଭାଗ୍ ତର୍‌ଫୁ କୁହାଯାଇଛେ । କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଖରିଫ୍ ଧାନ୍

ଠୁଲାବାର୍ ସମିଆଥି ଚାଷୀମାନ୍‌କର୍‌ନୁ ଧାନ୍ ଘିନ୍‌ବାର୍ ୪୮ ଘଂଟା ଭିତ୍‌ରେ ପ୍ରାପ୍ୟ ଦିଆଯାଉଛେ ।

ଆଏଜ୍ ଇଛାପାଲି ପଡ଼ିଆଠାନେ ହେଇଥିବା ଇନ୍‌ପୁଟ୍ ସହାୟତା ରାଶି ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ, ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ, ଅଶ୍ୱିନୀ ଷଡ଼ଙ୍ଗୀ, ସନତ୍ ଗଡ଼ତିଆ ଆଉ ଜିଲ୍ଲା ପ୍ରଶାସନ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଇନ୍‌ପୁଟ ସବ୍‌ସିଡ଼ି-୨

ସମ୍ବଲପୁର/ସୁବର୍ଣ୍ଣପୁର୍/କଳାହାଣ୍ଡି/ନୂଆପଡ଼ା/ବୌଦ୍ଧ

ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ଠାନେ ଚାଷୀମାନ୍‌କୁ ଧାନର୍ ସର୍ବନିମ୍ନ ସହାୟକ ମୂଲ୍ୟ ଉପ୍‌ରେ ଇନ୍‌ପୁଟ୍ ସାହାଜ୍ ଦିଆଯାଇଛେ । ଇଥି ପଂଚାୟତ୍‌ରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆର୍ ସିଆନ୍ ସୁଜନ୍ ମାନେ ଉପସ୍ଥିତ୍ ଥିଲେ । ଆଏଜ୍ ଜିଲ୍ଲାର୍ ୪ ହଜାର୍ ୬ ଶହ ୫ନ୍ ଚାଷୀଙ୍କର୍ ଜମା ଖାତାକେ ଧାନ୍ କ୍ୱିଂଟାଲ୍ ପିଛା ୨୩ ଶହ ଟଙ୍କା

ସହେତେ ୮ ଶହ ଟଙ୍କା ଇନ୍‌ପୁଟ୍ ସାହାଜ୍ ଦିଆଯାଇଥିବାର୍ ଜନାପଡ଼ିଛେ ।

ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଲ୍‌ପଡ଼ିଆଠାନେ ଚାଷୀମାନ୍‌କୁ ଇନ୍‌ପୁଟ୍ ସାହାଜ୍ ଦେବାର୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । କଲାହାଣ୍ଡି ଜିଲ୍ଲାର୍ ୧ ଲାଖ୍ ନୁ ଅଏତ୍‌କା ଚାଷୀଙ୍କୁ ଇ ଇନ୍‌ପୁଟ୍ ସାହାଜ୍ ଦିଆଯିବା । ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ ଇ ଅବ୍‌ସରେ କହିଛନ୍ ଯେ, ଆଏବା ଦିନେ ୫ ହଜାର୍ ଡାକ୍ତର୍ ନିଯୁକ୍ତି, ସମଗ୍ର ସ୍ୱାସ୍ଥ୍ୟ ଅଭିଯାନ୍‌ଥି ୩ ହଜାର୍ ପାରା ମେଡ଼ିକାଲ୍ ଷ୍ଟାଫ୍ ନିଯୁକ୍ତି ସହେତେ କଲାହାଣ୍ଡି ନ ବିଏସ୍‌ସି ନର୍ସିଂ କଲେଜ୍ ଥାପ୍‌ନା କର୍‌ବାର୍‌କେ ସର୍‌କାର୍ ଯୋଜ୍‌ନା ରଖିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ହେଇଥିବା ସମାବେଶ୍‌ଥି ଜିଲ୍ଲାପାଲ୍ ଅନ୍ୟା ଦାସ ଉପସ୍ଥିତ୍ ଥିଲେ । ଇନ ଅଗ୍ରଣୀ ଚାଷୀମାନ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବର୍‌ଗଡ଼୍ ଜିଲ୍ଲା ସୋହେଲା ଠାନେ ହେଇଥିବା ରାଜ୍ୟସ୍ତରୀୟ ସମାରୋହକେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ୬ ଟା ବ୍ଲକ୍‌ର ବହୁତ୍‌ଟେ ଚାଷୀ ଆଭାସି ଜରିଏ ଦେଖିଥିଲେ ।

ନୂଆପଡ଼ା ମିନି ଷ୍ଟାଡ଼ିୟମ୍ ଠାନେ ହେଇଥିବାର୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଅଧ୍ୟକ୍ଷତା କରିଥିଲେ ।

ଜିଲ୍ଲାର୍ ୭୭ ଟା ମଣ୍ଡି ନୁ ଚାଷୀମାନ୍‌କର୍‌ନୁ ସୁରୁଖୁରୁଥି ଧାନ୍ ଘିନାଯାଉଛେ ଆଉ ଭିନ୍ ଭିନ୍ ସୁବିଧା କରାଯାଇଛେ ବଲି ଜିଲ୍ଲାପାଲ୍ କହିଥିଲେ । ଖରିଆର୍ ରୋଡ୍ ନଗର୍‌ପାଲ୍ ସୋନିଆ ଜୈନ୍ ଆର୍ ଅଲ୍‌ଗା ସିଆନ୍ ସୁଜନ୍‌ମାନେ କାର୍ଯ୍ୟକ୍ରମ୍‌ଥି ଉପସ୍ଥିତ୍ ଥିଲେ ।

ବୌଦ୍ଧ ଠାନେ ଜିଲ୍ଲାସ୍ତରୀୟ ଇନ୍‌ପୁଟ୍ ସାହାଜ୍ ଦେବାର୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ସରୋଜ୍ ପ୍ରଧାନ୍ ଆର୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ଯୋଗ୍ ଦେଇଥିଲେ । ଝାର୍‌ସୁଗୁଡ଼ା ମନ୍‌ମୋହନ୍ ହାଇସ୍କୁଲ୍ ପଡ଼ିଆ ଠାନେ ହେଇଥିବାର୍ କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍‌ୱଣେ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରପତି-ପଂଚାୟତ୍‌ରାଜ ପୁରସ୍କାର୍ ଆର୍‌ଏନ୍‌ୟୁ/ସମ୍ବଲପୁର

ପଂଚାୟତ୍‌ରାଜ ମନ୍ତ୍ରଣାଳୟ ତର୍‌ଫୁ ୨୦୨୨-୨୩ ବଛର୍‌ର ସମ୍ମାନ୍ ଜନକ୍ ଜାତୀୟ ପଂଚାୟତ୍ ପୁରସ୍କାର୍ ଲାଗି ନାଁ ଘୋଷ୍‌ନା କରାଯାଇଛେ । ତୃଣମୁଲ୍ ସ୍ତର୍ ନ ଅନ୍ତର୍ଭୁକ୍ତି ଆଉ ନିରନ୍ତର ବିକାଶ୍‌ଥି ଦେଶର୍ ପଂଚାୟତ୍‌ରାଜ୍ ସଂସ୍ଥାନ୍ ମାନ୍‌କର୍ ଦୃଷ୍ଟାନ୍ତମୂଲକ୍ କାମ୍‌କେ ସ୍ୱୀକୃତୀ ଦେବାର୍ ଲାଗି ଇ ପୁରସ୍କାର୍ ଦିଆଯିବା । ଆଏବା ୧୧ ତାରିଖ୍ ଦିନ ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍

ଠାନେ ହେବାର୍‌କେ ଥିବାର୍ ଜାତୀୟ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଂଚାୟତ୍ ସମ୍ମାନ୍ ପ୍ରଦାନ୍ କର୍‌ବେ । ଇଥିର୍‌ଲାଗି ୪୫ ଝନ୍‌କୁ ଭିନ୍ ଭିନ୍ ବର୍ଗଥି ସଫଲତାର୍ ଲାଗି ସମ୍ମାନିତ୍ କରାଯିବା । ଓଡ଼ିଶାକେ ଭିନ୍ ଭିନ୍ ଶ୍ରେଣୀଥି ୭ ଟା ପୁରସ୍କାର୍ ଦିଆଯିବା ବଲି ଜନାପଡ଼ିଛେ ।

ଇଥି ଓଡ଼ିଶାର୍ ଗଞ୍ଜାମ୍ ଜିଲ୍ଲା ଛତ୍ରପୁର୍‌କେ ଶ୍ରେଷ୍ଠ ପଂଚାୟତ୍ ଆର୍ କୋରାପୁଟ୍ ଜିଲ୍ଲାକେ ୨ ନମ୍ବର୍ ସର୍ବଶ୍ରେଷ୍ଠ ଜିଲ୍ଲା ପଂଚାୟତ୍ ଭାବେ ନାନାଜୀ ଦେଶ୍‌ମୁଖ ସର୍ବୋତମ୍ ପଂଚାୟତ୍ ଶତତ ବିକାଶ୍ ପୁରସ୍କାର୍ ଦିଆଯିବା । ହେନ୍ତା ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ବଣେଇଗଡ଼ ବ୍ଲକ୍‌ର କେନ୍ଦିକେଲା ପଂଚାୟତ୍‌କେ କାର୍ବନ୍ ନ୍ୟୁଟ୍ରଲ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ବାର୍ଗଥି ୨ ନମ୍ବର୍ ପୁରସ୍କାର୍, ରାଜ୍ୟ ଗ୍ରାମୀଣ୍ ବିକାଶ୍ ଆଉ ପଂଚାୟତ୍‌ରାଜ୍ ସଂସ୍ଥାନ୍‌କେ କ୍ଷମତା ନିର୍ମାଣ୍ ସଂସ୍ଥାନ୍ ପୁରସ୍କାର୍‌ଥି ୨ ନମ୍ବର୍ ପୁରସ୍କାର୍, ଗଞ୍ଜାମ୍ ଜିଲ୍ଲା କେଲୁଆପଲ୍ଲୀ ପଂଚାୟତ୍‌କେ ଦୀନଦୟାଲ୍ ଉପାଧ୍ୟାୟ ପଂଚାୟତ୍ ଶତତ୍ ବିକାଶ୍ ପୁରସ୍କାର୍ ଶ୍ରେଣୀଥି ସୁସ୍ଥ ପଂଚାୟତ୍ ପୁରସ୍କାର୍ ଲାଗି ମନୋନୀତ୍ କରାଯାଇଛେ । ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ କସିରାକେ ଗ୍ରାମଉର୍ଜା ସ୍ୱରାଜ୍ ବିଶେଷ୍ ପଂଚାୟତ୍ ପୁରସ୍କାର୍ ଦେବାର୍ ଲାଗି ବଛାଯାଇଛେ ।

ପୁରୀ ରତ୍ନଭଣ୍ଡାର୍ ଆର୍‌ଏନ୍‌ୟୁ/ କଟକ୍

ଶ୍ରୀମନ୍ଦିର୍ ଛତିଶା ନିଯୋଗ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଆଏବା ମଙ୍ଗଲ୍‌ବାର୍ ଦିନ ହେବା । ବୈଠକ୍‌ଥି ପହିଲି ଭୋଗ ନୀତି ନି୍ର୍ଘଂଟ ଉପ୍‌ରେ ଆଲୋଚନା କରାଯିବା । ଆଏବା ଜାନୁଆରୀ ମାସ ୧୩ ତାରିଖେ ଶ୍ରୀମନ୍ଦିର୍ ନ ହେବାର୍‌କେ ଥିବା ଦେବାଭିଷେକ ନୀତି ନିର୍ଘଂଟ, ମକର ସଂକ୍ରାନ୍ତି ନୀତି ବାବ୍‌ଦେ ଭିଲ୍ ଆଲୋଚନା ହେବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ । ସେନ୍ତା ରତ୍ନଭଣ୍ଡାର୍ ମରାମତି ସମିଆଥି ମହାପ୍ରଭୁଙ୍କର୍ ନୀତିକାନ୍ତି ଆର୍ ଭକ୍ତଙ୍କର୍ ଦର୍ଶନ୍‌ଥି ଯେନ୍ତା ବାଧା ନାଇଁ ଉପ୍‌ଜେ ସେ ବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା ହେବାର୍ ସମ୍ଭାବନା ରହିଛେ ।

ସୂର୍ଯ୍ୟମନ୍ଦିର୍ ଥିତି ସମୀକ୍ଷା      ଆର୍‌ଏନ୍‌ୟୁ/ କଟକ୍

କୋଣାର୍କ ସୂର୍ଯ୍ୟମନ୍ଦିର୍ ଭିତ୍‌ରୁ ବାଲି ବାହାର୍ କର୍‌ବାର୍ ଲାଗି ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ତିଆର୍ କର୍‌ବାର୍ କାମ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ବିଶ୍ୱ ଏତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର୍‌ର ଗର୍ଭଗୃହନୁ ବାଲି ବାହାର୍ କର୍‌ବାର୍ ବାବ୍‌ଦେ କାମ୍ ମୁଲ୍ କର୍‌ବାର୍‌କେ ଭାରତୀୟ ପ୍ରତ୍ନତାତ୍ୱିକ ସଂସ୍ଥାନ୍- ଏଏସ୍‌ଆଇର ଏଡିଜି ଜାନ୍‌ବିଜ୍ ଶର୍ମା ଆର୍ ୧୫ ଝନିଆ ବିଶେଷଜ୍ଞ ଟିମ୍ ୪ ନମ୍ବର୍ ଖେପେ ଗଲାକାଏଲ୍ ଅନୁଧ୍ୟାନ୍ କରିଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ୧୯୦୩ ମସିହା ନ ସୂର୍ଯ୍ୟମନ୍ଦିର୍ ସୁରକ୍ଷାକେ ନେଇକରି ଗର୍ଭଗୃହ ନ ବାଲି ଭରାଯିବାର୍ ସହେତେ ଜଗମୋହନ୍ ଦ୍ୱାରକେ ବନ୍ଦ୍ କରାଯାଇଥିଲା । ହେଲେ ସୂର୍ଯ୍ୟମନ୍ଦିର୍‌ନୁ ବାଲି ବାହାର୍ କର୍‌ବାର୍ ନିଷ୍ପତି ଉତ୍‌ରୁ ୨୦୨୨ ସେପ୍ଟେମ୍ବର୍ ୮ ତାରିଖ୍ ଦିନ ଏଏସ୍‌ଆଇ ତର୍‌ଫୁ କାମ୍ ମୁଲ୍ ହେଇଥିଲା ।

ନରେନ୍ଦ୍ର ମୋଦୀ ଅଧ୍ୟୟନ କେନ୍ଦ୍ରର୍ ଅଧ୍ୟକ୍ଷ ଆର୍‌ଏନ୍‌ୟୁ
/ସମ୍ବଲପୁର

ନରେନ୍ଦ୍ର ମୋଦୀ ଅଧ୍ୟୟନ କେନ୍ଦ୍ର, ଆଲିଗଡ଼୍‌ର ପରାମର୍ଶଦାତା ପରିଷଦ୍‌ର ଅଧ୍ୟକ୍ଷ ଭାବେ ଆଘର୍ ରାଜ୍ୟପାଲ୍ ବିଶ୍ୱଭୂଷଣ୍ ହରିଚନ୍ଦନ୍‌ଙ୍କୁ ନିଯୁକ୍ତି ଦିଆଯାଇଛେ । ଇ ବାବ୍‌ଦେ ସଂଗଠନ୍‌ର ଗୁଟେ ବୈଠକ୍‌ଥି ଥିର୍ କରାଯାଇଥିଲା । ବୌଦ୍ଧିକ ଆଉ ପ୍ରଭାବ୍‌ଶାଲୀ କାର୍ଯ୍ୟକ୍ରମ୍ ଆୟୋଜନ୍ କର୍‌ବାର୍ ଦିଗେ ଇ ଆନ୍ତର୍ଜାତିକ କେନ୍ଦ୍ର କାର୍ଯ୍ୟକ୍ରମ୍ ମାନ୍ କରିଆସୁଛେ ।

ଡିସେମ୍ବର୍ ୧୦- ମାନବାଧିକାର୍ ଦିବସ୍  ଆର୍‌ଏନ୍‌ୟୁ/ସମ୍ବଲପୁର

ମାନବ ଅଧିକାର୍ ବାବ୍ଦେ ସଚେତନତା ବନାବାର୍ ଉଦ୍ଧେଶ୍ୟେ ଫି ବଛର୍ ଡିସେମ୍ବର୍ ୧୦ ତାରିଖ୍କେ ମାନବ ଅଧିକାର୍ ଦିବସ୍ ଭାବେ ପାଲନ୍ କରାଯାଏସି । ଇଥର ଓଡ଼ିଶା ମାନବ ଅଧିକାର୍ ଆୟୋଗ୍ ତର୍ଫୁ ଇ ଦିବସ୍କେ ସ୍ମରଣୀୟ କର୍ବାର୍ ଉଦ୍ଧେଶ୍ୟେ ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ଗୁଟେ ବିଶେଷ୍ କାର୍ଯ୍ୟକ୍ରମ୍ କରାଯିବା । ଇଥି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ମାନବ ଅଧିକାର ଆୟୋଗ୍ର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ, ଆଇନ୍ମନ୍ତ୍ରୀ, ପୃଥ୍ୱୀରାଜ୍ ହରିଚନ୍ଦନ୍, ଆୟୋଗ୍ର ସଦସ୍ୟ ଆଉ ଉଚ୍ଚ ପଦାଧିକାରୀମାନେ ଯୋଗ୍ ଦେବେ ବଲି ଭାରପ୍ରାପ୍ତ ସଚିବ ସ୍ୱିଟି ସାମନ୍ତରାୟ ସୂଚ୍ନା ଦେଇଛନ୍ ।

ବିଶ୍ୱବିଦ୍ୟାଳୟ - ଏନ୍ଏସ୍ଏସ୍ କର୍ମଶାଳାଆର୍ଏନ୍ୟୁ/ ସମ୍ବଲପୁର୍

ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟର୍ ଜାତୀୟ ସେବା ସଂସ୍ଥା - ଏନ୍ଏସ୍ଏସ୍ ତର୍ଫୁ ହେଇଥିବା ଗୁଟେ ସମୀକ୍ଷା ବୈଠକ୍ଥି ସମାଜ୍ ସେବା ଜରିଏ ଛାତ୍ରଛାତ୍ରୀଙ୍କର୍ ଭିତ୍ରେ ସ୍ୱେଚ୍ଛାସେବୀ ଭାବ୍ନାକେ ତହଁକାବାର୍ ଆର୍ ବ୍ୟକ୍ତିତ୍ୱ ଗଠନ୍ ଲାଗି ପଦକ୍ଷେପ୍ ନିଆଯିବା ବଲି ଥିର୍ କରାଯାଇଛେ । କୁଲପତି ବିଧୂଭୂଷଣ୍ ମିଶ୍ରଙ୍କର୍ ଉପସ୍ଥିତିଥି ହେଇଥିବା ଇ ସମୀକ୍ଷା କାର୍ଯ୍ୟକ୍ରମ୍ଥି ସମ୍ବଲପୁର୍, ବର୍ଗଡ୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, ଦେବ୍ଗଡ୍ ଆର୍ ଅନୁଗୁଲ୍ ଜିଲ୍ଲାର୍ ଆଠ୍ମଲ୍ଲିକ୍

ସବ୍‌ଡିଭିଜନ୍‌ର କଲେଜ୍ ମାନ୍‌କର୍ ଏନ୍‌ଏସ୍‌ଏସ୍ ଅଧିକାରୀ ଆର୍ ଜିଲ୍ଲା ଅଧିକାରୀମାନେ ଭାଗ୍ ନେଇଥିଲେ ।

ଛାତ୍ରଛାତ୍ରୀ ଅସୁସ୍ଥ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ମୁରିବାହାଲ୍ ବ୍ଲକ୍‌ର ଡେଙ୍ଗପଦର ସର୍‌କାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଲୟର୍ କେତେଝନ୍ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ୍ ଖାଇକରି ଅସୁସ୍ଥ ହେବାର୍ ଘଟ୍‌ନା ବାବ୍‌ଦେ ପ୍ରଶାସନ୍ ତର୍‌ଫୁ ପଦ୍‌କ୍ଷେପ୍ ନିଆଯାଇଛେ । ଟିଟିଲାଗଡ଼୍ ଉପ ଜିଲ୍ଲାପାଲ୍ ଆର୍ ମୁରିବାହାଲ୍ ତହସିଲ୍‌ଦାର୍ ଟିଟିଲାଗଡ଼୍ ଡାକ୍ତର୍‌ଖାନାକେ ଯାଇକରି ଛାତ୍ରଛାତ୍ରୀମାନ୍‌କର୍ ସ୍ୱାସ୍ଥ୍ୟବସ୍ଥାର୍ ତଦାରଖ୍ କରିଥିଲେ । ହେଲେ ଡାକ୍ତର୍‌ଖାନା ନ ଭର୍ତି ହେଇଥିବା ସବୁ ଛାତ୍ରଛାତ୍ରୀଙ୍କର୍ ଅବସ୍ଥା ଥିର୍ ରହିଥିବା ଜନାପଡ଼ିଛେ ।

ଲୋକମହୋତ୍ସବ୍- ସମ୍ବଲପୁର ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ମାସର୍ ୪ ତାରିଖ୍‌ନୁ ୮ ତାରିଖ୍‌ତକ୍ ୫ ଦିନ୍ ଧରିକରି ସମ୍ବଲ୍‌ପୁର୍‌ର ପିଏଚ୍‌ଡି ପଡ଼ିଆଠାନେ ହେବାର୍‌କେ ଥିବା ସମ୍ବଲ୍‌ପୁର୍ ଲୋକମହୋତ୍ସବ୍‌ର ତୟାରି ମୁଲ୍ ହେଇଛେ । ଗଲାକାଏଲ୍ ଆୟୋଜନ୍ କମିଟିର୍ କର୍ମକର୍ତାମାନେ ଶ୍ରୀ ଶ୍ରୀ

ସମଲେଶ୍ୱରୀ ମନ୍ଦିର୍ ନ ପୂଜା କର୍ବାର୍ ସହେତେ ମହୋତ୍ସବ୍‌ର ତୟାରି ମୁଲ୍ କରିଥିଲେ । ହେନ୍ତା ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମହୋତ୍ସବ୍ ଆୟୋଜନ୍ କମିଟିର୍ ଗୁଟେ ବୈଠକ୍‌ଥି ଅଧ୍ୟକ୍ଷତା କରିଥିଲେ ।